# ପ୍ରଥମ ତିନି ବର୍ଷରେ ଶିଶୁର ବିକାଶର ମୁଖ୍ୟ ଚିହ୍ନ

## ବିକାଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ



- ଗୋଟିଏ ଶିଶୁର ବିକାଶ ତାର ବିକାଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଗୁଡିକର ନୀରିକ୍ଷଣ ଦ୍ୱାରା ମାପ କରାଯାଇପାରେ ।
- ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଗୁଡିକ ହେଉଛି ପିଲାଙ୍କ ଠାରେ ଲକ୍ଷ୍ୟ କରାଯାଉଥିବା କେତେକ ଲକ୍ଷଣ ଯାହା ପିଲାଙ୍କର ଅଭିବୃଦ୍ଧି ଓ ବିକାଶର ଚିହ୍ନ ଭାବରେ ଜଣା ପଡେ ।
- ପ୍ରତିଟି ଶିଶୁ ନିଜ ବୟସକ୍ରମେ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ନିଶ୍ଚୟ ପହଞ୍ଚେ ।
- ଏହି ପର୍ଯ୍ୟାୟ ଗୁଡିକ ସମସ୍ତଙ୍କ ପାଇଁ ସ୍ଥିର ନୁହେଁ, କିନ୍ତୁ ସାଧାରଣତଃ ପ୍ରତ୍ୟେକ ପିଲା ପ୍ରାୟ ଏକା ବୟସକାଳରେ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରନ୍ତି ।
- ଯଦି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ କୌଣସି ଶିଶୁ 2-3 ମାସ ବିଳମ୍ବରେ ହାସଲ କରୁଛି, ତେବେ ସେହି ପିଲା ପାଇଁ ଡାକ୍ତରୀ ପରାମର୍ଶ/ବିକାଶମୂଳକ ଆକଳନ ଏବଂ ପ୍ରୋତ୍ସାହନର ଆବଶ୍ୟକତା ରହିଛି ।






# ବିକାଶର ପର୍ଯ୍ୟାୟ ଗୁଡିକ ପାଇଁ ଅନୁମୋଦନ:






| ବୟସ | ଆପଣ କଣ କରିପାରିବେ | ପିଲାମାନେ କଣ କରିପାରିବେ |
|---|---|---|
| 0-3 ମାସ | * ନିଜ ପିଲାଙ୍କ ମୁହଁକୁ ଚାହିଁ ହାସନ୍ତୁ, ପିଲାର ଆଖିରେ ଆଖି ମିଶାଇ ଦେଖନ୍ତୁ ଏବଂ ତା ସହିତ କଥାବାର୍ତ୍ତା ହୁଅନ୍ତୁ ।<br>* ପିଲା ଦେଖିବା, ଶୁଣିବା, ଅନୁଭବ କରିବା ଏବଂ ଚଳପ୍ରଚଳ ହେବା ପାଇଁ ତାକୁ ସୁଯୋଗ ମାନ ପ୍ରଦାନ କରନ୍ତୁ । | * ପ୍ରତିକ୍ରିୟାରେ ହସିଥାଏ<br>* ରିବନ ବୋ ଟ୍ରାକ୍ କରନ୍ତୁ<br>* ଶବ୍ଦ ସୃଷ୍ଟି କରେ |
| 3-6 ମାସ | * ବଡ ବଡ ରଙ୍ଗୀନ୍ ଜିନିଷ ଆଣି ନିଜ ପିଲାପାଇଁ ରଖନ୍ତୁ ତାକୁ ଦେଖିବାକୁ ଦିଅନ୍ତୁ, ସେ, ସେଗୁଡିକର ଛୁଇଁବାକୁ ଦିଅନ୍ତୁ ।<br>* ନିଜ ପିଲାସହ କଥାହୁଅନ୍ତୁ ଓ ପ୍ରତିକ୍ରିୟା ପ୍ରକାଶ କରନ୍ତୁ । ଶବ୍ଦ ବା ଠାଣି ମାଣି ସହ ବାର୍ତ୍ତାଳାପ କରନ୍ତୁ । | * ମୁଣ୍ଡକୁ ସ୍ଥିର ରଖେ ଏବଂ ସିଧାକରି ରହିଥାଏ<br>* ଏକ ସ୍ୱର ବାହାର କରେ<br>* ଜିନିଷ ଗୁଡିକ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରେ |
| ପ୍ରାୟ 9 ମାସ | * ନିଜ ପିଲାମାନଙ୍କୁ ପରିଷ୍କାର ଓ ନିରାପଦ ଉପକରଣ ମାନ ଦିଅନ୍ତୁ ଯାହାକୁ ଦେଖି ସେ ଧରିପାରିବ ଓ ଯେଉଁଥିରୁ ଶବ୍ଦ ବାହାରୁଥିବ ।<br>* 'ପିକ୍ ଏ ବୋ' ପରି ଖେଳ ତା ସହିତ ଖେଳନ୍ତୁ ।<br>* ପିଲାକୁ ଜିନିଷ ଗୁଡିକର ନାମ ଓ ଲୋକ ମାନଙ୍କର ନାମ କୁହନ୍ତୁ । | * ଶୋଇବା ଅବସ୍ଥାରୁ ଉଠି ବସିପାରେ<br>* ବୁଢାଆଙ୍ଗୁଠି ଏବଂ ଆଙ୍ଗୁଠି ଧରି ଉଠିପାରେ<br>* ବିନା ସାହାରାରେ ବସିପାରେ |
| ପ୍ରାୟ 1 ବର୍ଷ | | * ବିନା ସାହାରାରେ ଭଲଭାବରେ ଠିଆହୋଇପାରେ<br>* ହଲଚଲ ହୋଇପାରେ<br>* ପାପା/ମାମା ବୋଲି କହିପାରେ |
| ପ୍ରାୟ ଦେଢ ବର୍ଷ | * ପିଲାଙ୍କୁ ଏମିତି ଜିନିଷ ଦିଅନ୍ତୁ, ଯାହାକୁ ସେ ଧରିବ , ଗିନାରେ ବା ଡବାରେ ପକାଇବ ପୁଣି କାଢିବ ଏହିପରି କରି ଚାଲିବ ।<br>* ପିଲାକୁ ସରଳ ଓ ଛୋଟ ଛୋଟ ପ୍ରଶ୍ନ ପଚାରନ୍ତୁ, ପିଲା ଯାହା କହିବାକୁ ଚେଷ୍ଟା କରୁଛି ତାକୁ ଶୁଣିବାକୁ ଚେଷ୍ଟା କରନ୍ତୁ । | * ନିଜର ଇଚ୍ଛା ବ୍ୟକ୍ତ କରିପାରେ<br>* ଗୋଟିଏ କପ୍‌ରେ ତିନିଟା ଖେଳନା ରଖିପାରେ<br>* ଭଲ ଭାବରେ ଚାଲିପାରେ |
| ପ୍ରାୟ ଦୁଇ ବର୍ଷ | | * ସାହାରା ନେଇ ଗୋଟେ ଗୋଡରେ ଠିଆ ହୋଇପାରେ<br>* ଗୋଟେଗୋଟେ ଶବ୍ଦ କହିପାରେ<br>* ଘରୋଇ କାମ ନକଲ କରେ |
| ପ୍ରାୟ ଅଢେଇ ବର୍ଷ | * ନିଜର ପିଲା ଗଣିବା ଓ ଅନ୍ୟ ଜିନିଷ ତୁଳନା କରିବାରେ ତାକୁ ସାହାଯ୍ୟ କରନ୍ତୁ; ନିଜ ପିଲାପାଇଁ ସରଳ ଖେଳନା ସବୁ କରନ୍ତୁ ।<br>* ନିଜର ପିଲାକୁ କହିବାକୁ ଉତ୍ସାହିତ କରନ୍ତୁ ଏବଂ ଆପଣଙ୍କ ପିଲାର ପ୍ରଶ୍ନ ଗୁଡିକର ଉତ୍ତର ଦିଅନ୍ତୁ । ନିଜ ପିଲାକୁ କାହାଣୀ, ଗୀତ ଏବଂ ଖେଳ ଇତ୍ୟାଦି କୁହନ୍ତୁ । | * ଶରୀରର 4ଟି ଅଙ୍ଗ ଦେଖାଇପାରେ<br>* ବୁଣାବୁଣି କମ୍ କରି ନିଜେ ଖାଇ ପାରେ<br>* ଗୋଟିଏ ରଙ୍ଗର ନାମ ଠିକ୍ ଭାବରେ କହିପାରେ |
| ପ୍ରାୟ ତିନି ବର୍ଷ | | * ସରଳରେଖାକୁ ନକଲ କରି ଆଙ୍କିପାରେ<br>* ନିଜେ ନିଜେ ହାତ ଧୋଇପାରେ<br>* 4ଟି ରୁ 3ଟି ଜିନିଷର ନାଁ କହିପାରେ |